# NATIONAL NEWS BULLETIN (ODIA)

## 10th May' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକ ଓ ତେଲଙ୍ଗାନା ଗସ୍ତ କରି ଆଜି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଦେଶରେ ସମ୍ଭାବ୍ୟ ବନ୍ୟା ଓ ଗ୍ରୀଷ୍ମପ୍ରବାହ ସ୍ଥିତିର ମୁକାବିଲା ନେଇ ଉଚ୍ଚସ୍ତରୀୟ ବୈଠକରେ ଆଜି ପ୍ରସ୍ତୁତି ସମୀକ୍ଷା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ତାମିଲ୍‌ନାଡୁର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ଟି.ଭି.କେ. ସି. ଯୋଶେଫ୍ ବିଜୟ ।

- ରୁଷ୍-ୟୁକ୍ରେନ୍ ସଂଘର୍ଷ ନେଇ ସ୍ଥାୟୀ ଶାନ୍ତି ବୁଝାମଣା ଚୂଡ଼ାନ୍ତ ହେଲେ ହିଁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ; କହିଲେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ରାଜସ୍ଥାନ ରୟାଲ୍‌ସ୍‌କୁ ୭୭ ରନ୍‌ରେ ପରାସ୍ତ କଲା ଗୁଜରାଟ ଟାଇଟନ୍‌ସ ।

## ପି.ଏମ୍. - ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କର୍ଣ୍ଣାଟକ ଓ ତେଲଙ୍ଗାନା ଗସ୍ତ କରିବେ । ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁରେ ଆର୍ଟ ଅଫ୍ ଲିଭିଙ୍ଗ୍‌ର ୪୫ତମ ବାର୍ଷିକ ଉତ୍ସବରେ ଯୋଗ ଦେବା ସହ ସେଠାରେ ନିର୍ମିତ ଆର୍ଟ ଅଫ୍ ଲିଭିଙ୍ଗ୍ ଅନ୍ତର୍ଜାତୀୟ କେନ୍ଦ୍ରର ଧ୍ୟାନ କେନ୍ଦ୍ରକୁ ଉଦ୍‌ଘାଟନ କରିବେ । ଶ୍ରୀ ମୋଦି ସେଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣ ୩ଟାରେ ଶ୍ରୀ ମୋଦି ହାଇଦ୍ରାବାଦ ଗସ୍ତ କରି ୯ ହଜାର ୪ ଶହ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବେ । ଶ୍ରୀ ମୋଦି ଶହେ ସତଷଠି ନମ୍ବର ଜାତୀୟ ରାଜପଥର ଗୁଡେବେଲୁରରୁ ମହବୁବନଗର ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏଥିପାଇଁ ୩ ହଜାର ୧୭୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ । ପି.ଏମ୍. ମିତ୍ର ଯୋଜନା ଅଧୀନରେ ୱାରଙ୍ଗଲ୍‌ଠାରେ ନିର୍ମିତ କାକଟୀୟ ମେଗା ଟେକ୍ସଟାଇଲ୍ ପାର୍କର ମଧ୍ୟ ଶ୍ରୀ ମୋଦି ଉଦ୍‌ଘାଟନ କରିବେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ

ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ହାଇଦ୍ରାବାଦଠାରେ ନିର୍ମିତ ସିନ୍ଧୁ ହସ୍ପିଟାଲ୍‌କୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।

## ଏଚ୍.ଏମ୍. - ରିଭ୍ୟୁ ମିଟିଂ

ଦେଶରେ ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମପ୍ରବାହ ସ୍ଥିତିର ମୁକାବିଲା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବେ । ବୈଠକ ସମୟରେ ଶ୍ରୀ ଶାହା କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାର ପ୍ରସ୍ତୁତି, ପ୍ରାକ୍ ସତର୍କତା ବ୍ୟବସ୍ଥା, ସମ୍ବଳ ଉପଯୋଗ ଏବଂ ଆନ୍ତଃ ସଙ୍ଗଠନ ସହଯୋଗ ଆଦି ବିଷୟରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ବିଶେଷକରି ବୈଠକରେ ଯେଉଁଳି ଧନଜୀବନ ହାନି ନ ହେବ, ତାହା ଉପରେ ଗୁରୁତ୍ୱ ଦିଆଯିବ । ଶ୍ରୀ ଶାହା ଦେଶରେ ଦୀର୍ଘକାଳୀନ ବନ୍ୟା ଦୂରୀକରଣ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ନଦୀ ପରିଚାଳନା ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ସୁରକ୍ଷା ଓ ପାଣିପାଗ ପୂର୍ବାନୁମାନର ବୈଜ୍ଞାନିକ ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିବେ । ବୈଠକରେ ଶ୍ରୀ ଶାହା ବିପର୍ଯ୍ୟୟ ସମୟରେ ସଚେତନତା ତଥା ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ ଓ ମେଡିକାଲ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ଟି.ଏନ୍. - ସ୍ୱିୟରିଙ୍ଗ୍ ଇନ୍

ଟି.ଭି.କେ. ମୁଖ୍ୟ ସି. ଯୋଶେଫ୍ ବିଜୟ ଆଜି ପୂର୍ବାହ୍ନ ୧୦ଟାରେ ଚେନ୍ନାଇଠାରେ ତାମିଲ୍‌ନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ତାଙ୍କ ସହ ଟି.ଭି.କେ. ୯ ଜଣ ବିଧାୟକ ମନ୍ତ୍ରୀପଦ ପାଇଁ ଶପଥ ଗ୍ରହଣ କରିବାର ସମ୍ଭାବନା ରହିଛି । ତାମିଲନାଡୁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଶ୍ରୀ ବିଜୟଙ୍କୁ ୧୨୦ ଜଣ ବିଧାୟକଙ୍କ ସମର୍ଥନ ଥିବା ସ୍ପଷ୍ଟ ହେବା ପରେ ସରକାର ଗଠନ ଲାଗି ଆମନ୍ତ୍ରଣ କରିଥିଲେ । ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଶ୍ରୀ ବିଜୟଙ୍କ ପ୍ରତି ଭି.ସି.କେ. ଏବଂ ଆଇ.ୟୁ.ଏମ୍.ଏଲ୍. ଦଳର ସମର୍ଥନ ଥିବା ତଥ୍ୟ ଉପସ୍ଥାପନ ପରେ ରାଜ୍ୟପାଳ ତାଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିଥିଲେ । ସେଠାକାର ଲୋକଭବନରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ବିଜୟଙ୍କୁ ଆସନ୍ତା ବୁଧବାର କିମ୍ବା ତା’ ପୂର୍ବରୁ ବିଧାନସଭାରେ ଆସ୍ଥା ଭୋଟ୍ ଲୋଡ଼ିବାକୁ ହେବ ।

## ପ୍ରେଜ୍ - ରଙ୍ଗାସାମୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁଡୁଚେରୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଏନ୍. ରଙ୍ଗାସାମୀଙ୍କୁ ନିଯୁକ୍ତି ଦେଇଛନ୍ତି । ନିଯୁକ୍ତି ପରେ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ଉପରାଜ୍ୟପାଳ କେ. କୈଳାସନାଥନ୍ ନୂଆ ସରକାର ଗଠନ ଲାଗି ରଙ୍ଗାସାମୀଙ୍କୁ ଆମନ୍ତ୍ରଣ କରିଛନ୍ତି । ଆସନ୍ତା ବୁଧବାର ଦିନ ଶ୍ରୀ ରଙ୍ଗାସାମୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଗତମାସ ୯ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଏ.ଆଇ.ଏନ୍.ଆର୍.ସି. ସମର୍ଥିତ ଏନ୍.ଡି.ଏ.କୁ ସ୍ପଷ୍ଟ ବହୁମତ ମିଳିଥିଲା । ଶ୍ରୀ ରଙ୍ଗାସାମୀ ପଞ୍ଚମ ଥରପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

## କଂଗ୍ରେସ କେରଳ ମିଟିଂ

କେରଳରେ ସରକାର ଗଠନ ନେଇ ଗତକାଲି ନୂଆଦିଲ୍ଲୀରେ କଂଗ୍ରେସ ଦଳର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼୍‌ଗେ, ବରିଷ୍ଠ ନେତା ରାହୁଲ ଗାନ୍ଧି, କେରଳର ମହାସଚିବ ଦାୟିତ୍ୱରେ ଥିବା ଦିପା ଦାସ ମୁନ୍‌ସୀ, ସାଧାରଣ ସଚିବ କେ.ସି. ବେଣୁଗୋପାଳ ଏବଂ କେରଳର ବରିଷ୍ଠ ନେତା ରମେଶ

ଚେନ୍ନିଥଲା ଏବଂ ଭି.ଡି. ସାଥୀସାନ ଯୋଗ ଦେଇଥିଲେ । ଦଳୀୟ ସୂଚନା ଅନୁଯାୟୀ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ରାହୁଲ ଗାନ୍ଧି କେରଳର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା କରିବେ ।

## ରୁଷ୍ - ୟୁକ୍ରେନ୍ କନ୍‌ଫ୍ଲିକ୍ଟ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି, ୟୁକ୍ରେନ୍ ସଂଘର୍ଷ ଶେଷ ପର୍ଯ୍ୟାୟ ଆଡ଼କୁ ଗତି କରୁଛି ବୋଲି ସେ ବିଶ୍ୱାସ କରୁଛନ୍ତି । ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିର ଖୁବ୍ ଶୀଘ୍ର ସମାଧାନ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଯଦି ଏହି ପରିସ୍ଥିତି ଲାଗି ରହେ, ତେବେ ଉଭୟ ପକ୍ଷ ବ୍ୟାପକ କ୍ଷତି ସହିବେ । ପଶ୍ଚିମ ଏସିଆ ପରିସ୍ଥିତି ନେଇ ୟୁରୋପୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ସମ୍ପର୍କରେ ଶ୍ରୀ ପୁଟିନ୍ କହିଛନ୍ତି, ଜର୍ମାନ୍‌ର ପୂର୍ବତନ ଚାନ୍‌ସେଲର୍‌ଙ୍କ ସହ ସେ ଆଲୋଚନା କରିବା ଲାଗି ଆଗ୍ରହୀ ଥିଲେ । ଅନ୍ୟପକ୍ଷରେ ରୁଷ-ୟୁକ୍ରେନ୍ ମଧ୍ୟରେ ଯଦି ସ୍ଥାୟୀ ଶାନ୍ତି ବୁଝାମଣା ଚୂଡ଼ାନ୍ତ ହେବ, ସେ ୟୁକ୍ରେନ୍‌ର ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ କରିବେ । ଇତିମଧ୍ୟରେ ମସ୍କୋ ଏବଂ କିଭ୍ ତିନିଦିନିଆ ଅସ୍ତ୍ରବିରତି ଲାଗି ସମ୍ମତି ପ୍ରକାଶ କରିଛନ୍ତି ।

## ବ୍ରିଟେନ୍ ୱାରସିପ୍ - ୱେଷ୍ଟ ଏସିଆ

ହର୍ମୁଜ ପ୍ରଣାଳୀରେ ଜାହାଜ ଯାତାୟାତ ଲାଗି ପ୍ରସ୍ତୁତି ସ୍ୱରୂପ ବ୍ରିଟେନ୍ ଯୁଦ୍ଧପୋତ ଏଚ୍.ଏମ୍.ଏସ୍. ଡ୍ରାଗନ ମୁତୟନ କରିଛି । ପୂର୍ବରୁ ଇରାନ୍ ଯୁଦ୍ଧ ପରେ ସାଇପ୍ରସ୍‌କୁ ସମର୍ଥନ କରିବା ଲାଗି ଏହି ଯୁଦ୍ଧପୋତ ଅନ୍ୟତ୍ର ମୁତୟନ କରାଯାଇଥିଲା । ବ୍ରିଟେନ୍‌ର ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି, ହର୍ମୁଜ ପ୍ରଣାଳୀରେ ପରିସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଅନେକ ଦେଶ ଉଦ୍ୟମ କରୁଥିବା ସମୟରେ ବ୍ରିଟେନ୍ ମଧ୍ୟ ସେଥିରେ ସାମିଲ୍ ହୋଇଛି ।

## ତ୍ରିପୁରା - ବି.ଏସ୍.ଏଫ୍. ବର୍ଡ଼ର କ୍ଲାସ

ଭାରତ-ବାଂଲାଦେଶ ଆନ୍ତର୍ଜାତିକ ସୀମା ନିକଟବର୍ତ୍ତୀ ତ୍ରିପୁରାର ସେପାହିଜାଲା ଜିଲ୍ଲାରେ ଉତ୍ତେଜନା ବୃଦ୍ଧି ପାଇଛି । ଗତ ଶୁକ୍ରବାର ରାତିରେ ସଂଘର୍ଷ ଯୋଗୁଁ ୩ ଜଣ ବାଂଲାଦେଶୀ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ୨୩ ଜଣ ଆହତ ହୋଇଛନ୍ତି । ପଥାରିଆଦର ସୀମା ନିକଟ ୧୦୧ ନମ୍ବର ଗେଟ୍‌ରେ ଏହି ଘଟଣା ଘଟିଥିଲା । ଅନେକ ଚୋରାଚାଲାଣକାରୀ ମାଛ ଧରିବାପାଇଁ ଭାରତୀୟ ଅଞ୍ଚଳରେ ପ୍ରବେଶ କରିଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ଚୋରାଚାଲାଣକାରୀମାନେ ଜିରୋ ପଏଣ୍ଟ ଦେଇ ବାଂଲାଦେଶକୁ

ଫେରିଯିବାକୁ ଉଦ୍ୟମ କରୁଥିବାବେଳେ ସୀମା ସୁରକ୍ଷା ବଳଦ୍ୱାରା ସେମାନଙ୍କୁ ଆତ୍ମସମର୍ପଣପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ସେମାନେ ବି.ଏସ୍.ଏଫ୍. ଉପରେ ଆକ୍ରମଣ କରିଥିଲେ । ଆତ୍ମରକ୍ଷାପାଇଁ ବି.ଏସ୍.ଏଫ୍. ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ । ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଆହତଙ୍କ ମଧ୍ୟରେ ଅନେକଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି । ପରେ ବି.ଏସ୍.ଏଫ୍., ବାଂଲାଦେଶର ସୀମା ସୁରକ୍ଷା ସଙ୍ଗଠନ ଓ ସ୍ଥାନୀୟ ପୋଲିସ୍ ମଧ୍ୟରେ ଅନୁଷ୍ଠିତ ବୈଠକରେ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଛି ।

## ସେଣ୍ଟର - କଣ୍ଟାକ୍ଟୁଆଲ୍

ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ, ବିଭାଗ, ସ୍ୱୟଂଶାସିତ ସଂସ୍ଥା ଓ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗରେ ନିୟୋଜିତ ଆଉଟ୍ ସୋର୍ସିଂ ଏବଂ ଚୁକ୍ତିଭିତ୍ତିକ ଶ୍ରମିକଙ୍କ ସୁରକ୍ଷାକୁ ସୁଦୃଢ଼ କରିବାପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ପଦକ୍ଷେପ ଫଳରେ ସଠିକ୍ ସମୟରେ ଦରମା ପ୍ରଦାନ, ସାମାଜିକ ସୁରକ୍ଷା, ଅଂଶଧନ ନିଶ୍ଚିତ କରିବା ଏବଂ ଠିକାଦାର ଓ

ନିଯୁକ୍ତିଦାତାଙ୍କୁ ଅଧିକ ଉତ୍ତରଦାୟୀ କରିବା ଭଳି ବ୍ୟବସ୍ଥା ରହିଛି । ଶ୍ରମ ସଂହିତା ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ପଦକ୍ଷେପସ୍ୱରୂପ ସମୟ ଅନୁସାରେ ମଜୁରୀ ଓ ସାମାଜିକ ଅଂଶଧନ ପ୍ରଦାନ କରିବା କ୍ଷେତ୍ରରେ ବିଳମ୍ବ ଘଟିଲେ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କଳା ତାଲିକାଭୁକ୍ତ କରିବା ଓ ଦଣ୍ଡବିଧାନ କରିବା ଭଳି ବ୍ୟବସ୍ଥା ରହିଛି । ମଜୁରୀ ପ୍ରଦାନ କରିବା ପରେ ଠିକାଦାରମାନେ ପ୍ରତିମାସର ୧୦ ତାରିଖ ସୁଦ୍ଧା ବିଲ୍ ଦାଖଲ କରିବେ । ମାସର ୧୫ ତାରିଖ ସୁଦ୍ଧା ଡି.ଡି.ଓ.ମାନଙ୍କୁ ବିଲ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ନ୍ୟାସନାଲ ପଞ୍ଚାୟତ ଆୱାର୍ଡ଼ସ

କେନ୍ଦ୍ର ସରକାର ୪୨ଟି ପଞ୍ଚାୟତକୁ ମନୋନୀତ କରଛନ୍ତି । ଆସନ୍ତା ମାସ ୩ ତାରିଖରେ ନୂଆଦିଲ୍ଲୀରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ ବୋଲି ପଞ୍ଚାୟତରାଜ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କର୍ଣ୍ଣାଟକର ସର୍ବାଧିକ ୬ଟି ପଞ୍ଚାୟତ ଏହି ପୁରସ୍କାର ପାଇବା ଲାଗି ଚୟନ ହୋଇଛନ୍ତି। ଏହା ପରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ୫ଟି ପୁରସ୍କାର ପାଇବା ଲାଗି ମନୋନୀତ ହୋଇଥିବା ସୂଚନା ମିଳିଛି। ଦିନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଦୁଇଟି ବର୍ଗରେ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ

କରାଯିବ। ଦାରିଦ୍ର୍ୟମୁକ୍ତ ଜୀବନଶୈଳୀ, ସ୍ୱାସ୍ଥ୍ୟ, ପରିମଳ, ସାମାଜିକ, ନ୍ୟାୟ, ମହିଳା ଅନୁକୂଳ ଶାସନ ବ୍ୟବସ୍ଥା ସମେତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଗ୍ରାମ ପଞ୍ଚାୟତଗୁଡ଼ିକୁ ଦିନଦୟାଲ ଉପାଧ୍ୟାୟ ପୁରସ୍କାରରେ ସମ୍ମାନିତ କରାଯିବ। ଏହି ବର୍ଗରେ ୧୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମୁଦାୟ ୩୪ଟି ଗ୍ରାମ ପଞ୍ଚାୟତକୁ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୭୭ ରନ୍‌ରେ ରାଜସ୍ଥାନ ରୟାଲ୍‌ସ୍‌କୁ ପରାସ୍ତ କରିଛି । ୨୩୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍‌ସ ୧୬ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଗୁଜରା ଟାଇଟନ୍‌ସ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୨୨୯ ରନ୍ ସ୍କୋର୍ କରିଥିଲା । ରସିଦ୍ ଖାଁଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ଆଇ.ପି.ଏଲ୍. କ୍ରିକେଟ୍‌ରେ ୨ଟି ମ୍ୟାଚ୍ ଖେଳାଯିବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାୟପୁରର ଶହିଦ ବୀର୍ ନାରାୟଣ ସିଂହ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****